This Question Paper consists of **13** questions and **5** printed pages.
ଏହି ପ୍ରଶ୍ନପତ୍ରରେ ମୋଟ **13** ଟି ପ୍ରଶ୍ନ ଅଛି ଏବଂ **5** ଟି ମୁଦ୍ରିତ ପୃଷ୍ଠା ଅଛି ।

**Roll No.**
ରୋଲ୍ ନମ୍ବର

| | | | | | | | | | | | |
|---|---|---|---|---|---|---|---|---|---|---|---|
| | | | | | | | | | | | |

**Code No.** କୋଡ୍ ନମ୍ବର୍ **64/SS/O/OR**

**SET A**

# ODIA

# (ଓଡ଼ିଆ)

# (305)

**Day and Date of Examination :** ________________

ପରୀକ୍ଷା ଦିନ ଓ ତାରିଖ

**Signature of Invigilators :** **1.** ________________

ନିରୀକ୍ଷକଙ୍କ ସ୍ୱାକ୍ଷର

**2.** ________________

---

ସାଧାରଣ ନିର୍ଦ୍ଦେଶାବଳୀ :

**1.** ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ୍ ନମ୍ବର **(Roll Number)** ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।

**2.** ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ । ପ୍ରଶ୍ନଗୁଡ଼ିକ କ୍ରମାନୁଯାୟୀ ଅଛି କି ନାହିଁ ଦେଖି ନିଅନ୍ତୁ ।

**3.** ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ ।

**4.** ସମସ୍ତ ପ୍ରଶ୍ନର ଉତ୍ତର ନର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ ।

**5.** ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ୍ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ।

**6.** ପ୍ରଶ୍ନପତ୍ରର କୋଡ୍ ନମ୍ବର **64/SS/O/OR-A** ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।

# ODIA
# (ଓଡ଼ିଆ)
# (305)

ସମୟ : **3** ଘଣ୍ଟା ] [ ଅଧିକତମ ମୂଲ୍ୟାଙ୍କ : **100**

**ନିର୍ଦ୍ଦେଶ :** (i) ପ୍ରତି ପ୍ରଶ୍ନର ଉତ୍ତର ଦିଅ ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ) ସୂଚିତ ହୋଇଛି ।

---

**1.** ନିମ୍ନଲିଖିତ ଯେକୌଣସି **4**ଟି ର ବିପରୀତ ଶବ୍ଦ ଲେଖ ।

(କ) ଗୌଣ, ଜଟିଳ, ପ୍ରଶସ୍ତ, ଅପମାନ, ବଳକା, ଜୁଆର, ଧନୀ **4x1=4**

(ଖ) ନିମ୍ନଲିଖିତ ଯେକୌଣସି ଚାରୋଟି ରୂଢ଼ିର ଅର୍ଥ ଲେଖ । **4x1=4**

ଅଣ୍ଟିଛୁରୀ ତଣ୍ଟି କାଟେ, ଆଲୋ ସଖି ଆପଣା ମହତ ଆପେ ରଖି, ଓଟ ମୁହଁରେ ଜିରା, ଢୋକେ ପି ଦଣ୍ଡେ ଜୀ, ଢେଙ୍ଗା ମୁଣ୍ଡରେ ଠେଙ୍ଗା, ଜୋର ଯାର ମୂଲକ ତା'ର, ତିନି ତୁଣ୍ଡରେ ଛେଳି କୁକୁର

(ଗ) ନିମ୍ନଲିଖିତ ବିଶେଷ୍ୟ ପଦଗୁଡ଼ିକ ମଧ୍ୟରୁ **4**ଟି ର ବିଶେଷଣ ପଦ ଲେଖ । **4x1=4**

ସାଧନ, ଗ୍ରହଣ, ଭୟ, ବିଧାନ, ଚାଳକ, ଦର୍ଶନ, ଭୋଜନ

(ଘ) ଯେକୌଣସି **4**ଟି ର ଶୁଦ୍ଧ ରୂପ ଲେଖ : **4x1=4**

ଉଜ୍ଜଳ, ଯାତାୟତ, ଦିଗାମ୍ବର, ସନ୍ୟାସ, ଜୀବୀତ, ଲଜ୍ୟା, ଦମ୍ପତ୍ତି

**2.** ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ତିନୋଟିର ଶୂନ୍ୟସ୍ଥାନ ପୂରଣ କର । **3x1=3**

(କ) ରାତିରେ ଶାନ୍ତ ନୀରବ ମୁହୂର୍ତ୍ତ __________ ଧ୍ୱନି ଭିତରେ କ୍ଷୁବ୍ଧ ଓ ଚଞ୍ଚଳ ହୋଇଉଠିଲା ।

(ସ୍ୱାଧୀନ ଭାରତ କି ଜୟ, ମହାତ୍ମା ଗାନ୍ଧୀ କି ଜୟ, ଇନ୍‌କିଲାବ୍ ଜିନ୍ଦାବାଦ)

(ଖ) ଡ୍ରାଇଭର __________ ପିନ୍ଧିଥିଲା ।

(ଜୋତା, ବେଲ୍ଟ, ଟୋପି, ଧୋତି)

(ଗ) ଗଭୀର ଅନ୍ଧାର ଭିତରେ ତା' ଉପରେ କାହାର __________ ପଡ଼ିଲା ।

(ଅଭିଶାପ, ଆଶୀର୍ବାଦ, ଲୁହନିଶ୍ୱାସ, ଫୁଲଚନ୍ଦନ)

(ଘ) ଲଣ୍ଡନରୁ ସନ୍ଧ୍ୟାରେ __________ ଖଣ୍ଡ ସମ୍ବାଦପତ୍ର ପ୍ରକାଶିତ ହୁଏ ।

(ଦୁଇଖଣ୍ଡ, ତିନିଖଣ୍ଡ, ସାତଖଣ୍ଡ)

(ଙ) ପ୍ରତ୍ୟେକ ଜନ୍ତୁଙ୍କ ଖୋଳପା ଭିତରେ __________ ରହିଛି ।

(ମାଂସପେଶୀ, ରକ୍ତ, ହାଡ଼, ଇଞ୍ଜିନ୍)

3. ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେକୌଣସି ତିନୋଟିର ଶୂନ୍ୟସ୍ଥାନ ପୂରଣ କର । **3x1=3**

(କ) __________ କୁ ଡାଆଣିଆ ଖରା କୁହାଯାଏ ।
(ସକାଳର ଖରା, ଶୀତଦିନର ଖରା, ବର୍ଷାରତୁ ଖରା)

(ଖ) __________ ଙ୍କୁ ବୃଦ୍ଧ ରାଉତର ହାତେ ଦେବୁ ।
(ଛୋଟ ଘୋଡ଼ା, ହାତୀ, ରଥ)

(ଗ) ଶାଗୁଣା __________ ଚିକିତ୍ସକ ହେଲେ ଶବ ପ୍ରାଣ ପାଏନାହିଁ ।
(ବିଲୁଆ, କାଉ, ମାଙ୍କଡ଼)

(ଘ) __________ ଗଲାବେଳେ ମା' ଛାତି ଫଟାଇ କାନ୍ଦେ ।
(ଝିଅ, ବାପା, ମା', ଭାଇ)

(ଙ) __________ ମୁଖରେ ଥିଲେ ଯମ ରାଜାଙ୍କ ପ୍ରାଣ ନେଇ ପାରେନା ।
(ପ୍ରଜା, ପଶୁ, ଗଜ, ଯୋଗ)

4. ବନ୍ଧନୀ ମଧ୍ୟରୁ ସଠିକ୍ ଉତ୍ତର ବାଛି ଯେକୌଣସି ତିନୋଟିର ଶୂନ୍ୟସ୍ଥାନ ପୂରଣ କର । **3x1=3**

(କ) __________ ର ମନଟା ତଟୁଘୋଡ଼ା ।
(ପ୍ରଭାକର, ନଟବର, ଶକୁନ୍ତଳା, ନରହରି)

(ଖ) ପ୍ରଭାକରକୁ ଯୁବକମାନେ __________ ମାଗୁଥିଲେ ।
(ପୂଜା ଚାନ୍ଦା, ବାର୍ଷିକ ଚାନ୍ଦା, କ୍ଲବ୍ ଚାନ୍ଦା, ପ୍ରାଥମିକ ସଭ୍ୟ ଚାନ୍ଦା)

(ଗ) ନବଘନ __________ ଖାଇବାକୁ ଭଲ ପାଆନ୍ତି ।
(ଅଣ୍ଡା, ବିସ୍କୁଟ, ଚୁଡ଼ା)

(ଘ) __________ ମାଡ୍ରାସୀ ହୋଟେଲ୍‌ରୁ ଦୋସା ମଗାଇ ଜଳଖିଆ ବ୍ୟବସ୍ଥା କରିଥିଲା ।
(ବେବୀ, ନବଘନ, ହେମା)

(ଙ) __________ ମାନେ ଏକା ଲାଉର ମଞ୍ଜି ।
(ପ୍ରମୋସନ୍ ପାଇଥିବା କିରାଣୀ, ଅଫିସର, ଯୁବଗୋଷ୍ଠୀ)

5. ଯେକୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ । **4x2=8**

(କ) ନାରସେନାର ଜାତି ଚାଲିଗଲା କାହିଁକି ?

(ଖ) ସନନ୍ଦପତ୍ରରେ କ'ଣ ମାଡ଼ିଗଲାଣି ?

(ଗ) ଅଧକ୍ଷ କେଉଁ ଆକୁଳିର କଥା କହୁଥିଲେ, ସେ କିଏ ?

(ଘ) ସ୍ୱାଧୀନତା ଉତ୍ସବ ଦେଖି ରାୟବାହାଦୂରଙ୍କ ପ୍ରତିକ୍ରିୟା କ'ଣ ହୋଇଥିଲା ?

(ଙ) ଗଧ ଖାଟେଣିଖଟେ, କୁକୁର ପାଦଚାଟେ ଆଉ ମଣିଷ କ'ଣ କରେ ?

(ଚ) ସମସ୍ତେ କେତେ ରକମର ଖେଳ ଖେଳୁଛନ୍ତି ?

(ଛ) ଭାରତ ବର୍ଷ ତା'ର ସଂସଦୀୟ ଗଣତନ୍ତ୍ର କେଉଁଠାରୁ ଗ୍ରହଣ କରିଛି ?

6. ଯେକୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ : 4x2=8

(କ) କିଏ କେଉଁଠାରେ ଗୋପନରେ ଫୁଟିଛି ଏବଂ କାହାର ବସ୍ନା ପବନରେ ଭାସି ଆସୁଛି ?

(ଖ) କବିଙ୍କ ହୃଦୟ କାହିଁକି ଆନ୍ଦୋଳିତ ହୋଇଛି ?

(ଗ) ସନ୍ଧ୍ୟା ସମୟରେ କି ପରିବେଶ ସୃଷ୍ଟି ହୋଇଥିଲା ବୋଲି କବି କହିଛନ୍ତି ?

(ଘ) କାହାକୁ ବର୍ଷାଋତୁ ଖରା କୁହାଯାଏ ? ଲେଖ ।

(ଙ) ଜାତିକୁ କାହିଁକି ନନ୍ଦିଘୋଷ ସହିତ ତୁଳନା କରାଯାଇଛି ?

(ଚ) ଇନ୍ଦ୍ର କାହିଁକି ବୃଷ୍ଟିକରେ ଓ ସୃଷ୍ଟି ରକ୍ଷା ହୁଏ ?

(ଛ) ତୋଷାମଦକାରୀଙ୍କ ପ୍ରକୃତି କ'ଣ ? ସେମାନଙ୍କ କାର୍ଯ୍ୟ କ'ଣ ?

7. ଯେକୌଣସି ଚାରିଟି ପ୍ରଶ୍ନର ଉତ୍ତର ଦିଅ । 4x2=8

(କ) ସାରା ଜୀବନ ଅଫିସ ଦୌଡ଼ି ଦୌଡ଼ି ପ୍ରଭାକର କ'ଣ ପାଲଟି ଯାଇଛନ୍ତି ବୋଲି କହିଛନ୍ତି ?

(ଖ) ହେମାଙ୍ଗିନୀଙ୍କ ମତରେ ଝିଅମାନଙ୍କୁ ସ୍ୱାଧୀନତା କେଉଁଥି ପାଇଁ ଦିଆଯିବା ଉଚିତ ?

(ଗ) ଆଜିକାଲି କେଉଁମାନଙ୍କ ଯୋଗୁଁ ସମସ୍ତେ ବାଧ ହୋଇ ନିଜ ନିଜର ସମ୍ବର୍ଦ୍ଧନା ଯୋଗାଡ଼ କରୁଛନ୍ତି ?

(ଘ) ହାୟରେ ହତଭାଗା ସଭ୍ୟତା - ଏହା କିଏ କାହାକୁ କହିଛନ୍ତି ?

(ଙ) ଡ୍ରାଇଭର ଆସିଲେ ପ୍ରଥମେ କ'ଣ କରିବାକୁ ହେମାଙ୍ଗିନୀ ଜେମାକୁ ନିର୍ଦ୍ଦେଶ ଦେଲେ ?

(ଚ) ପ୍ରବୀର ଭାଇ ବିଷୟରେ ବେବୀର ମନ୍ତବ୍ୟ କ'ଣ ଥିଲା ?

(ଛ) ଏଗୁଡ଼ାକ ଆଉ ମଣିଷ ହେବେନି - କିଏ, କାହାକୁ କେଉଁ ପ୍ରସଙ୍ଗରେ କହିଛି ?

8. ଯେକୌଣସି ଗୋଟିକର ଉତ୍ତର ଦିଅ । 8

(କ) ଗଣତନ୍ତ୍ର କେବଳ ଏକ ଶାସନ ପ୍ରଣାଳୀ ନୁହେଁ, ଏହା ଏକ ସଂଯତ ସଭ୍ୟତା, ଏଥିରେ ଅଛି ନୈତିକ ସୌଜନ୍ୟ । - ଲେଖକଙ୍କର ଏହି ଉକ୍ତିର ପ୍ରମାଣ ଦିଅ ।

(ଖ) ଭୂତ ଗଳ୍ପ ଆମକୁ କି ଶିକ୍ଷା ଦିଏ ଆଲୋଚନା କର ।

(ଗ) ରାୟ ବାହାଦୂରଙ୍କ ଚରିତ୍ର ଚିତ୍ରଣ କର ।

9. ଯେକୌଣସି ଗୋଟିକର ଉତ୍ତର ଦିଅ । 8

(କ) ଉତ୍କଳ ସନ୍ତାନ କବିତାରୁ କବିଙ୍କର ଉତ୍କଳୀୟ ପ୍ରୀତିର ପରିଚୟ ଦିଅ ।

(ଖ) ଡାଆଣିଆ ଖରା କବିଙ୍କ ମନରେ କିପରି ରେଖାପାତ କରିଛି ଆଲୋଚନା କର ।

(ଗ) ଶେଫାଳୀ ପ୍ରତି କବିତାରୁ କବିଙ୍କର ବିଭୁଭକ୍ତିର ପରିଚୟ ଦିଅ ।

10. ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । **8**

(କ) ହେମାଙ୍ଗିନୀର ଚରିତ୍ର ଚିତ୍ରଣ କର ।

(ଖ) 'ସକାଳର ମେଘ' ଏକ ସାର୍ଥକ ଏକାଙ୍କିକା, ମୂଲ୍ୟାୟନ କର ।

(ଗ) ବର୍ତ୍ତମାନ ଗାଁ ଓ ସହରୀ ଜୀବନରେ ଆସିଥିବା ପରିବର୍ତ୍ତନ ସମ୍ପର୍କରେ ଆଲୋଚନା କର ।

11. ନିମ୍ନଲିଖିତ ଯେକୌଣସି ଗୋଟିକର ପ୍ରବନ୍ଧ ଲେଖ ? **8**

(କ) ଓଡ଼ିଶାର ଶିଳ୍ପ ବିକାଶ

(ଖ) ପୁସ୍ତକ ମେଳା

(ଗ) ଭାରତରେ ଇଂରାଜୀ ଶିକ୍ଷାର ପ୍ରୟୋଜନ

(ଘ) ଆଧୁନିକ ସମାଜ ଓ ବିଜ୍ଞାନ

12. ତୁମେ ଅଂଶ ଗ୍ରହଣ କରିଥିବା ଏକ ବଣଭୋଜିର ଅନୁଭୂତି ବର୍ଣ୍ଣନା କରି ବନ୍ଧୁଙ୍କ ନିକଟକୁ ପତ୍ର ଲେଖ । **8**

**କିମ୍ବା**

ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ରିଲିଫ୍ ବଣ୍ଟନ ପାଇଁ ଯିବାଲାଗି ଆବଶ୍ୟକ ସହଯୋଗ ଓ ଅନୁମତି ପ୍ରଦାନ ନିମିତ୍ତ ପ୍ରଧାନଶିକ୍ଷକଙ୍କୁ ଦରଖାସ୍ତ ଲେଖ ।

13. ନିମ୍ନଲିଖିତ ଅନୁଚ୍ଛେଦଟି ପାଠ କରି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ : **11**

ଗୋଟିଏ ଜାତି ଏକତ୍ୱ ଅନୁଭବ କରେ, ଯେତେବେଳେ ସେହି ଜାତିର ପ୍ରତ୍ୟେକ ବ୍ୟକ୍ତି ନିଜକୁ ଏକଜାତି ବୋଲି ମନେ କରନ୍ତି । ଏହାଦ୍ୱାରା ଅନୈକ୍ୟରେ ଐକ୍ୟ ଅନୁଭୂତ ହୁଏ । ଏହି ଐକ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗାନ୍ଧିଜୀ ଏ ପ୍ରକାର ମନୋଭାବ ସୃଷ୍ଟି କରିଥିବାରୁ ସେ ଆଜି ଜାତିର ଜନକ ଓ ଜାତିର ନିର୍ମାତା । ଅସଂହତି ବିଶେଷ ଭାବରେ ପ୍ରକାଶିତ ହୋଇଥିଲା, ଯେତେବେଳେ ଆମର ଭାଷା ସୂତ୍ରରେ ପ୍ରଦେଶ ଗଠନ ପାଇଁ ସରକାର ଆଗ୍ରହ କରିଥିଲେ । ସ୍ୱାଧୀନ ଭାରତରେ ଭାଷା ସୂତ୍ରରେ ପ୍ରଦେଶ ଗଠନ ଭିତ୍ତିରେ ଆନ୍ଧ୍ରପ୍ରଦେଶ ପ୍ରଥମ । ତା'ର ପରେ ରାଜ୍ୟ ପୁର୍ନଗଠନ ସମିତି ସୃଷ୍ଟି ହେଲା । ଯାହାଦ୍ୱାରା ଭାରତର ଐକ୍ୟକୁ ଛିନ୍ନ କରାଗଲା । ବର୍ତ୍ତମାନ କର୍ଣ୍ଣାଟକ, ତାମିଲ୍‌ନାଡୁ ଇତ୍ୟାଦି ଏହି ପୃଥକୀକରଣ ସମସ୍ୟାରୁ ସୃଷ୍ଟି ।

(କ) ଅନୈକ୍ୟରେ ଐକ୍ୟ କିପରି ଅନୁଭୂତ ହୋଇଥାଏ ?

(ଖ) ଗାନ୍ଧିଜୀ କିପରି ଜାତିର ନିର୍ମାତା ହୋଇପାରିଥିଲେ ?

(ଗ) ଅସଂହତି କିପରି ପ୍ରକାଶିତ ହୋଇଥିଲା ?

(ଘ) ଭାଷା ସୂତ୍ରରେ କେଉଁ ପ୍ରଦେଶ ପ୍ରଥମେ ଗଠିତ ହୋଇଥିଲା ?

(ଙ) ରାଜ୍ୟ ପୁନର୍ଗଠନ ସମିତି ଦ୍ୱାରା ଭାରତ ବର୍ଷରେ କି ସମସ୍ୟା ଉପୁଜିଛି ?

- o O o -